# ଭାରତୀୟ ସଂସ୍କୃତି ଓ ଓଡ଼ିଶା ଇତିହାସରେ ମହାକବି ଜୟଦେବ

ଡକ୍ଟର ଅଜିତ୍ କୁମାର ତ୍ରିପାଠୀ

କଳିଙ୍ଗରେ ଅପୂର୍ବ ନଟବଂଶ ନାମରେ ଏକ ନୃତ୍ୟ ବିଶାରଦ ଜାତି ଖ୍ରୀ. ସପ୍ତମ ଶତାବ୍ଦୀରେ ବା ତା' ପୂର୍ବରୁ ସୃଷ୍ଟି ହୋଇଥିଲା, ଯାହା ୬୮୧ଖ୍ରୀ.ରେ, ୬୮୨ ଖ୍ରୀ.ରେ ଏବଂ ୬୯୦ ଖ୍ରୀ.ରେ ପ୍ରଦତ୍ତ ତିନୋଟି ତାମ୍ର ଶାସନରୁ ଜଣାଯାଏ । ଏହି ନଟବଂଶକୁ ପରବର୍ତ୍ତୀ ସମୟରେ ସାନି ସମ୍ପ୍ରଦାୟ କୁହାଯାଉଥିଲା । ଜୟଦେବଙ୍କ ରଚିତ ଗୀତଗୋବିନ୍ଦରେ କଳିଙ୍ଗ ସଂଗୀତର ଅଧିକାଂଶ ରାଗ ବ୍ୟବହୃତ ହୋଇଛି ଏବଂ ଏହା ଏକ ଲଳିତ ପଦାବଳୀଯୁକ୍ତ ମହାନ ଗୀତିନାଟ୍ୟ ତଥା ଦୃଶ୍ୟକାବ୍ୟରେ ପରିଣତ ହୋଇଛି । ଗୀତଗୋବିନ୍ଦ ସଂଗୀତ ଓ ନୃତ୍ୟ ଭିତ୍ତିକ । ଏହା ଏକ ରାଧାକୃଷ୍ଣ ଭକ୍ତି ବିଷୟକ ଲୀଳା ତଥା ନୃତ୍ୟ ନାଟିକା । ସେହି ସଂଗୀତକୁ କଳିଙ୍ଗର ଦେବଗଣିକାମାନେ ଶ୍ରୀକ୍ଷେତ୍ରକୁ ସମ୍ରାଟ ଚୋଡଗଙ୍ଗଦେବଙ୍କ ନିମନ୍ତ୍ରଣକ୍ରମେ ଆସି ଉତ୍କଳରେ ପ୍ରଚଳିତ କରିଥିଲେ ।

ଉତ୍କଳରେ ସୋମବଂଶୀୟ ରାଜାମାନଙ୍କ ସମୟରେ ନିର୍ମିତ ହୋଇଥିବା କେତେକ ମନ୍ଦିରରେ 'ଦାରିକା' ଓ 'ବେଶ୍ୟା'ମାନେ ନୃତ୍ୟ ପରିବେଷଣ ପାଇଁ ନିଯୁକ୍ତ ହୋଇଥିଲେ । ଉଦ୍ୟୋତ କେଶରୀଙ୍କ ରାଜତ୍ୱର ଅଷ୍ଟାଦଶ ବର୍ଷରେ ନିର୍ମିତ ହୋଇଥିବା ବ୍ରହ୍ମେଶ୍ୱର ମନ୍ଦିରର ଶିଳାଲେଖରୁ ଜଣାଯାଏ ଯେ ଉଦ୍ୟୋତ କେଶରୀଙ୍କ ମାତା ତଥା ଯଯାତିଙ୍କ ରାଣୀ କୋଳାବତୀ ଦେବୀ ତିନିଜଣ ରତ୍ନାଳଙ୍କାର ଭୂଷିତା ସ୍ୱାସ୍ଥ୍ୟବତୀ ଅପ୍ସରାଙ୍କ ଭଳି ସୁନ୍ଦରୀ ଦାରିକାଙ୍କୁ ନୃତ୍ୟ ସଂଗୀତ ପରିଚାଳନା ଓ ଆୟୋଜନ ଦାୟିତ୍ୱରେ ବ୍ରହ୍ମେଶ୍ୱର ମନ୍ଦିରରେ ନିଯୁକ୍ତି ଦେଇଥିଲେ ।

ଚୋଡଗଙ୍ଗଦେବ କିନ୍ତୁ ଏ ପ୍ରଚଳିତ ପ୍ରଥାରେ ପରିବର୍ତ୍ତନ ଆଣିଲେ । ସେ ଶ୍ରୀମନ୍ଦିରରେ ବାରବନିତା ଓ ଦାରିକାମାନଙ୍କୁ ନିଯୁକ୍ତ ନକରି ସାନି ସମ୍ପ୍ରଦାୟର କେତେକ ପରିବାରଙ୍କୁ ଶ୍ରୀକୂର୍ମପାଟକରୁ ଅଣାଇ ପୁରୀଠାରେ ସେମାନଙ୍କ ପାଇଁ ସ୍ଥାୟୀ ବ୍ୟବସ୍ଥା କରିଥିଲେ । କାମାର୍ଣ୍ଣବଦେବଙ୍କ ଅଭିଷେକ ସମୟରେ କୂର୍ମପାଟକରେ ଥିବା ସଂଗୀତ ଓ ଶାସ୍ତ୍ରୀୟ ନୃତ୍ୟ ବିଦ୍ୟାଳୟରୁ ନର୍ତ୍ତକ ଓ ନୃତ୍ୟାଙ୍ଗନାମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା । ଶ୍ରୀମନ୍ଦିରରେ ସେମାନେ ଅଭିଷେକ ଉତ୍ସବରେ ନୃତ୍ୟନାଟିକା ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବା ପାଇଁ ଆସିଥିଲେ । ସେହି ଗୁଡିସାନିମାନଙ୍କୁ ଦେବଗଣିକା ମଧ୍ୟ କୁହାଯାଉଥିଲା । ସେମାନେ କିନ୍ତୁ 'ଦାରିକା'ଙ୍କ ପରି ବାରବନିତା ବା ବେଶ୍ୟା ନଥିଲେ । ସାନି ସମ୍ପ୍ରଦାୟର ଭାଇ ଭଉଣୀ ସମସ୍ତେ ଏକାଠି ମିଶି ଦେବମନ୍ଦିରରେ ନୃତ୍ୟ ସଙ୍ଗୀତ ପରିଚାଳନା କରୁଥିଲେ । ଚୋଡଗଙ୍ଗଦେବ ଶ୍ରୀମନ୍ଦିରରେ ଓଡ଼ିଆ କିମ୍ବା ତେଲେଙ୍ଗୀ ଭାଷାରେ ସଙ୍ଗୀତ ପରିବେଷଣ ନ କରାଇ ସଂସ୍କୃତ ଭାଷାରେ ସଙ୍ଗୀତ ଓ ଭଜନ ପରିବେଷଣର ଆଦେଶ ଦେଇଥିଲେ । ଚୋଡଗଙ୍ଗଦେବ ନିଜ ରାଜ ଦରବାରରେ ମଧ୍ୟ ପ୍ରାକୃତ ଭାଷା ବଦଳରେ ସଂସ୍କୃତ ଭାଷା ଚଳାଇଥିଲେ ।

ଆଜିର ନୃସିଂହ ମନ୍ଦିର ପ୍ରଥମେ ଜଗନ୍ନାଥ ମନ୍ଦିର ଥିଲା, ସେଥିରେ ଚୋଡଗଙ୍ଗଦେବ ତିନି ମୂର୍ତ୍ତିଙ୍କୁ ସ୍ଥାପିତ କରାଇଥିଲେ । ସେହି ମନ୍ଦିର ସମ୍ମୁଖରେ ନାଟ୍ୟଶାଳା ନଥିଲା । ତେଣୁ ଚୋଡଗଙ୍ଗଦେବ ସେଠାରେ ଗୋଟିଏ ଅସ୍ଥାୟୀ ନାଟମଣ୍ଡପ ତିଆରି କରାଇଲେ । ଆଜିର ନୃସିଂହ ମନ୍ଦିର ସମ୍ମୁଖରେ ଯେଉଁ ଅସ୍ଥାୟୀ ନୃତ୍ୟମଣ୍ଡପ ହୋଇଥିଲା, ସେଠାରେ ଆଜି ଆଧୁନିକ ମୁକ୍ତିମଣ୍ଡପ ନିର୍ମିତ ହୋଇଛି ।

ଗଙ୍ଗ ରାଜତ୍ୱ ବେଳେ ଦେଶ ବିଦେଶରୁ ଛାତ୍ରଛାତ୍ରୀମାନେ କୂର୍ମପାଟକର ବିଷ୍ଣୁମନ୍ଦିର ଓ ଶ୍ରୀକୂର୍ମେଶ୍ୱରଙ୍କ ମନ୍ଦିରରେ ରହି ଧର୍ମଶାସ୍ତ୍ର, ଦର୍ଶନଶାସ୍ତ୍ର ଓ ସଂସ୍କୃତ ସାହିତ୍ୟର ଶିକ୍ଷା ନେଉଥିଲେ । ସେମାନଙ୍କ ମଧ୍ୟରେ ଜୟଦେବ ଜଣେ ଛାତ୍ର ଥିଲେ । ସଂସ୍କୃତ

ସାହିତ୍ୟ, ଶାସ୍ତ୍ରୀୟ ସଙ୍ଗୀତ ଓ ନୃତ୍ୟ ଶିକ୍ଷା କରି ରାଧାକୃଷ୍ଣଙ୍କ ଲୀଳା ଓ ଶୃଙ୍ଗାର ରସକୁ ନେଇ ସେ ନୃତ୍ୟ ନାଟିକା ରଚନା ଓ ସଂଯୋଜନା କରୁଥିଲେ । ବୈଦିକ ବ୍ରାହ୍ମଣ କୁଳରେ ଜନ୍ମ ନେଇ ସେ ସାହିତ୍ୟ ଓ ସଙ୍ଗୀତରେ ସୁନାମ କରିଥିଲେ ଏବଂ ଶ୍ରୀକୃଷ୍ଣ ଭକ୍ତିରେ ନିଜକୁ ଉତ୍ସର୍ଗୀକୃତ କରିଥିବାରୁ ସେ 'ସାଧୁ ପ୍ରଧାନ' ଗୁରୁଦେବ ଭାବେ ସମ୍ମାନିତ ହୋଇଥିଲେ । ମାଧ୍ୱାଚାର୍ଯ୍ୟ ଓ ନିମ୍ବାର୍କଙ୍କ ବିଶିଷ୍ଟ ଦ୍ୱୈତ ମତବାଦର ପୃଷ୍ଠପୋଷକ ଭାବେ ସେ ରାଧାକୃଷ୍ଣଙ୍କ ପ୍ରେମ ସମ୍ବଳିତ ଗୀତିନାଟ୍ୟ ରଚନା କରୁଥିଲେ ଏବଂ ନିଜର ଛାତ୍ରଛାତ୍ରୀଙ୍କୁ ନେଇ ଗୋଟିଏ ନାଟ୍ୟଲୀଳା ଦଳ ମଧ୍ୟ ଗଢିଥିବା ସମ୍ଭବ ।

ବିଖ୍ୟାତ ଐତିହାସିକ ଡଃ ସତ୍ୟ ନାରାୟଣ ରାଜଗୁରୁ ମଧୁକେଶ୍ୱର ମନ୍ଦିର, ସୀମାଚଳର ବରାହ ନୃସିଂହ ମନ୍ଦିର ଏବଂ ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିରର ଶିଳାଲେଖ ପଠନ କରି ଏହି ସିଦ୍ଧାନ୍ତରେ ଉପନୀତ ହୋଇଥିଲେ ଯେ, କାମାର୍ଣ୍ଣବ ଦେବଙ୍କ ଅଭିଷେକ ଉତ୍ସବରେ ଯୋଗଦେବାକୁ ଚୋଡଗଙ୍ଗଦେବଙ୍କ ନିମନ୍ତ୍ରଣରେ କୂର୍ମପାଟକରୁ ଯେଉଁ ନାଟ୍ୟଦଳଗୁଡିକ ପୁରୀ ଆସିଥିଲେ, ତା'ର ମୁଖ୍ୟଭାବେ ଜୟଦେବ ଶ୍ରୀକ୍ଷେତ୍ର ଆସିଥିବେ । ସେହି ନାଟ୍ୟଦଳର ପ୍ରଶଂସା ଏବଂ ରାଧାକୃଷ୍ଣ ଲୀଳାର ଖ୍ୟାତି ସର୍ବତ୍ର ଜ୍ଞାତ ଥିଲା ଏବଂ କଳିଙ୍ଗରୁ ଆସିଥିବା ସମ୍ରାଟ ଚୋଡଗଙ୍ଗଦେବ ଜୟଦେବଙ୍କ ନାଟ୍ୟଦଳକୁ ନିମନ୍ତ୍ରଣ କରିଥିବା ନିତାନ୍ତ ସ୍ୱାଭାବିକ ଓ ଯୁକ୍ତିଯୁକ୍ତ ।

ଏ ଅନୁମାନ ମୂଳରେ ଅଛି ଚୋଡଗଙ୍ଗଦେବଙ୍କ ଦ୍ୱିତୀୟ ପୁତ୍ରବୀର ରାଘବଦେବଙ୍କ ରାଜତ୍ୱକାଳ (ଖ୍ରୀ. ୧୧୫୬-୧୧୭୦)ରେ ଲିଙ୍ଗରାଜ ମନ୍ଦିର ଭିତରେ ଥିବା ଶିଳାଲେଖା ଯାହାକି 'ସ୍ୱସ୍ତି ରାଘବଦେବସ୍ୟ....' ନାମରେ ଖ୍ୟାତ । ଏହି ଶିଳାଲେଖର ଅର୍ଥ ଡଃ ରାଜଗୁରୁ ନିମ୍ନମତେ ବ୍ୟାଖ୍ୟା କରିଛନ୍ତି ।

''ଶ୍ରୀରାଘବଦେବଙ୍କର ରାଜତ୍ୱକାଳରେ ଶ୍ରୀ କୀର୍ତ୍ତିବାସେଶ୍ୱର (ଶ୍ରୀ ଲିଙ୍ଗରାଜ)ଙ୍କ ପ୍ରୀତି ସଂପାଦନ ପାଇଁ ମେଡମ ଦେବୀ ଏବଂ ତାଙ୍କ ମାତା ଓ ପିତା କୋମିନାୟକ ସମସ୍ତେ ମିଶି ପ୍ରତ୍ୟେକ ଗୋଟିଏ ଲେଖାଏଁ ଅଖଣ୍ଡଦୀପ ଦାନ କରିଥିଲେ । ସେତେବେଳେ କୂର୍ମପାଟକର ସୁପ୍ରସିଦ୍ଧ (ପ୍ରବର) ସାଧୁ ପ୍ରଧାନ ଜୟଦେବଙ୍କଠାରୁ କ୍ରୟ କରି ବାହେଡାଖଣ୍ଡ କ୍ଷେତ୍ରର ସମସ୍ତ ସ୍ୱତ୍ୱ କୀର୍ତ୍ତିବାସେଶ୍ୱରଙ୍କୁ ଦାନ କରାଗଲା ।''

ଏହି ଶିଳାଲେଖର ଗୋଟିଏ ଭୁଲ ବ୍ୟାଖ୍ୟା କରି ଆଗରୁ କୁହାଯାଉଥିଲା ଯେ ମେଡମଦେବୀ ଓ ତାଙ୍କ ମାତା ଓ ପିତା ଅଖଣ୍ଡଦୀପ ପାଇଁ ବାହେଡାଖଣ୍ଡର ମଧ୍ୟତ୍ୱାଧିକାର କୀର୍ତ୍ତିବାସେଶ୍ୱରଙ୍କୁ ଦାନ କଲାବେଳେ କୂର୍ମପାଟକ ପ୍ରବର ସାଧୁ ପ୍ରଧାନ ଜୟଦେବ ସେଠାରେ ଉପସ୍ଥିତ ଥିଲେ । ଆଉ କେତେଜଣ ସାଧୁ ପ୍ରଧାନ ଜୟଦେବଙ୍କୁ ଜଣେ ଧନୀ ବ୍ୟବସାୟୀ ବୋଲି ମଧ୍ୟ କହିଥିଲେ, ଯାହାଙ୍କୁ ଜମିବାଡି ବିକ୍ରୀ ବେଳେ ସାକ୍ଷୀ କରାଯାଉଥିଲା । ପ୍ରକୃତରେ କିନ୍ତୁ ବାହେଡାଖଣ୍ଡର ସ୍ୱତ୍ୱ ଜୟଦେବଙ୍କଠାରୁ କିଣାଯାଇ ଲିଙ୍ଗରାଜଙ୍କୁ ଦିଆଯାଇଥିଲା । ଅଖଣ୍ଡଦୀପ ଦାନ ଏବଂ ତା ପାଇଁ ଅର୍ଥ କେଉଁ ସୂତ୍ରରୁ ଆସିବ ଏକଥା ମନ୍ଦିର ଗାତ୍ରରେ ଲେଖାଇବା କଳିଙ୍ଗର ଏକ ପ୍ରାଚୀନ ପ୍ରଥା ଥିଲା । ଜୟଦେବଙ୍କର କୂର୍ମପାଟକରେ ପ୍ରଧାନ ଆଚାର୍ଯ୍ୟ ଓ ବୈଷ୍ଣବ ସାଧୁ ଭାବରେ ଯେଉଁ ସୁନାମ ଥିଲା ସେଥିପାଇଁ ତାଙ୍କୁ କୂର୍ମପାଟକ ପ୍ରବର କୁହାଯାଇଛି । ଗଙ୍ଗବଂଶର ରାଜାମାନଙ୍କଠାରୁ ସେ ଦାନ ସୂତ୍ରରେ ବାହେଡାଖଣ୍ଡ ଅଞ୍ଚଳ ପାଇଥିବେ ଏବଂ ତାଙ୍କର ଗୁଡିସାନି ଛାତ୍ରୀ ଓ ଛାତ୍ରଙ୍କ କନ୍ୟାଙ୍କୁ ସେ ସ୍ୱତ୍ୱକୁ ବିକ୍ରୟ କଲେ ଯାହାକି ସେମାନେ ଲିଙ୍ଗରାଜଙ୍କୁ ଦାନ କଲେ ଏବଂ ଯେଉଁ ଅର୍ଥରୁ ଅଖଣ୍ଡଦୀପ ବସିବାର ଖର୍ଚ୍ଚ ବହନ କରାଯିବ ।

ମେଡମ୍ ଦେବୀଙ୍କ ପିତା କୋମିନାୟକ ମୁଖଲିଙ୍ଗମଠାରେ ମଧୁକେଶ୍ୱର ମନ୍ଦିରରେ ୧୧୧୩ ଖ୍ରୀଷ୍ଟାବ୍ଦରେ ଏକ ଅଖଣ୍ଡଦୀପ ଦାନ କରିଥିଲେ ଏବଂ ଏହା ଏକ ଶିଳାଲେଖରେ ସେହି ମନ୍ଦିରରେ ଲିପିବଦ୍ଧ ହୋଇଛି । ବେନ୍ନମ ପେରାଡ ଓ ଗୁଡିସାନି ଏରକମ୍ମାଙ୍କ କନ୍ୟା ଥିଲେ ନଙ୍ଗମା ଦେବୀ । ସେ ନିଜେ ଜଣେ ଗୁଡିସାନି ଅର୍ଥାତ୍ ମନ୍ଦିର ନର୍ତ୍ତକୀ । ସେ ବିବାହ କରିଥିଲେ ପସାଇତ ବା ଦେବ ସେବକ କୋମି ନାୟକଙ୍କୁ । କୋମି ନାୟକ ଓ ନଙ୍ଗମାଙ୍କ ସୁଯୋଗ୍ୟା କନ୍ୟା ଥିଲେ ମେଡମ୍ ଦେବୀ ।

୧୧୨୮ ଖ୍ରୀଷ୍ଟାବ୍ଦରେ କୋମି ନାୟକ ଓ ନଙ୍ଗମା ମିଶି ମଧୁକେଶ୍ୱର ମନ୍ଦିରରେ ଆଉ ଏକ ଅଖଣ୍ଡଦୀପ ପ୍ରଦାନ କରିଥିଲେ । ଏଥିରେ ମଧ୍ୟ ନଙ୍ଗମାଙ୍କ ମା ଏରକମ୍ମାଙ୍କ ନାମ ଉଲ୍ଲେଖ ଅଛି । ମେଡମଦେବୀଙ୍କ ମାତା ନଙ୍ଗମା ଦେବୀଙ୍କୁ କୂର୍ମପାଟକରେ ସଙ୍ଗୀତ ଓ ନୃତ୍ୟ ଶିକ୍ଷା ଦେଇଥିବା ଜୟଦେବ ସେଠାରେ ସାଧୁ ପ୍ରଧାନ ଉପାଧିରେ ଭୂଷିତ ଥିଲେ ଏବଂ ତାଙ୍କୁ କୂର୍ମପାଟକର ଜଣେ ମାନ୍ୟଗଣ୍ୟ ନାଗରିକ ଭାବେ ଶିଳା ଫଳକରେ କୂର୍ମପାଟକ ପ୍ରବର ବୋଲି ବର୍ଣ୍ଣିତ କରାଯାଇଛି । କୋମି ନାୟକଙ୍କ ପରିବାରର ଗୁରୁଭକ୍ତି ଏଠାରେ ଲକ୍ଷ୍ୟ କରିବା କଥା । ଭବିଷ୍ୟତ ବଂଶଧରମାନଙ୍କ ପାଇଁ ଲିଙ୍ଗରାଜ ମନ୍ଦିରରେ ଚିରକାଳକୁ ଲିପିବଦ୍ଧ ରହିଲା ଯେ ବାହେଡାଖଣ୍ଡର ସମସ୍ତ ଅଞ୍ଚଳ ଉପରେ ସାଧୁପ୍ରଧାନ

ଜୟଦେବଙ୍କର କିମ୍ବା ତାଙ୍କ ଠାରୁ ସ୍ୱତ୍ୱ କ୍ରୟ କରିଥିବା କୋମି ନାୟକଙ୍କ ପରିବାରର କୌଣସି ଅଧିକାର ଆଉ ରହିଲା ନାହିଁ । ଦାନସୂତ୍ରରେ ପ୍ରଭୁ ଲିଙ୍ଗରାଜ ବିଜେ ଭୁବନେଶ୍ୱର, ସେ ସମ୍ପତ୍ତିର ଅଧିକାରୀ ହେଲେ ଏବଂ ଏହି ସମ୍ପତ୍ତିରୁ ମିଳିବା ଅର୍ଥରେ ଅଖଣ୍ଡଦୀପ ଜଳିବ ଓ ଅନ୍ୟାନ୍ୟ ମନ୍ଦିର ନୀତି ଚଳିବ । ଲିଙ୍ଗରାଜ ମହାପ୍ରଭୁ ସେହି ଦିନଠାରୁ ବାହେଡାଖଣ୍ଡ କ୍ଷେତ୍ରର ମଧ– ସ୍ୱତ୍ୱାଧିକାରୀ ହେଲେ ।

ଜୟଦେବ କୂର୍ମପାଟକକୁ ଛାତ୍ର ହିସାବରେ ଯାଇ ସେଠାରେ ଶାସ୍ତ୍ରୀୟ ସଙ୍ଗୀତ ଓ ନୃତ୍ୟକଳା ଶିକ୍ଷା କରିନଥିଲେ ବିଭିନ୍ନ ରାଗରେ ସଂସ୍କୃତରେ ଗୀତଗୋବିନ୍ଦ ରଚନା କରିବା ତାଙ୍କ ପକ୍ଷେ ସମ୍ଭବ ହୋଇନଥାନ୍ତା। ଡଃ ରାଜଗୁରୁଙ୍କ ଭାଷାରେ କଳିଙ୍ଗ ସଙ୍ଗୀତ ପଦ୍ଧତିର କ୍ରମବିକାଶ ହିଁ ଜୟଦେବଙ୍କ ଗୀତଗୋବିନ୍ଦରେ ଆତ୍ମପ୍ରକାଶ କରିଛି । ଡଃ ସତ୍ୟନାରାୟଣ ରାଜଗୁରୁ ଯଦି ମୁଖଲିଙ୍ଗମ୍‌ରେ ମଧୁକେଶ୍ୱର ମନ୍ଦିରରେ ଥିବା ସମସ୍ତ ଶିଳା ପ୍ରସ୍ତର ଲେଖା ପାଠକରି ତାହାର ସଠିକ୍ ବ୍ୟାଖ୍ୟା କରିନଥାନ୍ତେ, ତେବେ କୂର୍ମପାଟକ ପ୍ରବର ସାଧୁ ପ୍ରଧାନ ଜୟଦେବ ହିଁ ଗୀତଗୋବିନ୍ଦର ରଚୟିତା ମହାକବି ଜୟଦେବ, ଏକଥା ନିର୍ଭୁଲ ଭାବେ ପ୍ରମାଣ କରାଯାଇପାରିନଥାନ୍ତା । କୋମି ନାୟକ ପରିବାରଙ୍କ ସହ ଜୟଦେବଙ୍କ ସମ୍ପର୍କ ଗୁରୁ ଓ ଛାତ୍ରର ସମ୍ପର୍କ । ଶ୍ରୀକୂର୍ମ ମନ୍ଦିରର ଇତିହାସ ଓ ଗଙ୍ଗବଂଶୀୟ ରାଜା ବଜ୍ରହସ୍ତଦେବ ଦେଇଥିବା ତାମ୍ର ଫଳକରୁ ସ୍ପଷ୍ଟ ପ୍ରମାଣିତ ହୁଏ ଯେ କୂର୍ମପାଟକରେ ଏଭଳି ଏକ ନୃତ୍ୟ, ସଙ୍ଗୀତ ଓ ଶାସ୍ତ୍ର ଶିକ୍ଷାକେନ୍ଦ୍ର ଥିଲା ।

ବୈଷ୍ଣବ କବି ମାଧବ ପଟ୍ଟନାୟକ ରାସନୃତ୍ୟ ବା ରାସ ଲୀଳାର ଉତ୍ପତ୍ତି ବିଷୟ ୧୫୩୫ ଖ୍ରୀ.ରେ ସ୍ୱଲିଖିତ 'ବୈଷ୍ଣବ ଲୀଳାମୃତ' ପୁସ୍ତକରେ ନିମ୍ନମତେ ବର୍ଣ୍ଣନା କରିଛନ୍ତି:

ଗଙ୍ଗବଂଶୀୟ ସମ୍ରାଟ ଚୋଡଗଙ୍ଗଦେବ କଳିଙ୍ଗରୁ ଆସି ଉତ୍କଳଖଣ୍ଡ ଅଧିକାର କରିଥିଲେ । ଏଠାରେ ଉଲ୍ଲେଖ କରାଯାଇପାରେ ଯେ କଳିଙ୍ଗ, କୋଶଳ, ତୋଷାଳୀ, କଙ୍ଗୋଦ ଓ ଉତ୍କଳ ଏସବୁ ଆଜିର ଭୌଗଳିକ ଓଡ଼ିଶାର ବିଭିନ୍ନ ଅଂଶକୁ ଇତିହାସରେ ବିଭିନ୍ନ ସମୟରେ ସେଭଳି କୁହାଯାଉଥିଲା । କଳିଙ୍ଗ ନାମରେ ପରିଚିତ ଅଂଶର କେତେକ ଅଂଶ ଆଜି ଆନ୍ଧ୍ର ପ୍ରଦେଶରେ, କୋଶଳ ନାମରେ ପରିଚିତ ପ୍ରାନ୍ତରେ ଅନେକ ଅଂଶ ଆଜି ଛତିଶଗଡ ରାଜ୍ୟରେ, ଉତ୍କଳ ନାମରେ ପରିଚିତ ପ୍ରାନ୍ତର ଅନେକ ଅଂଶ ଆଜି ଝାଡଖଣ୍ଡ ଓ ପଶ୍ଚିମବଙ୍ଗ ରାଜ୍ୟରେ ଅଛି । ତୋଷାଳୀ ଓ କଙ୍ଗୋଦ ଖଣ୍ଡ ନାମରେ ପରିଚିତ ଅଂଶ ହୁଏତ ସମ୍ପୂର୍ଣ୍ଣଭାବେ ଆଜିର ଓଡ଼ିଶାରେ ଅଛି । ଜଗନ୍ନାଥଙ୍କର ଏକ ମନ୍ଦିର ପୂର୍ବରୁ ପୁରୀରେ ଥିଲା, ତାହା ଆକାରରେ କ୍ଷୁଦ୍ର ଥିଲା ଏବଂ ଜରାଜୀର୍ଣ୍ଣ ଅବସ୍ଥାକୁ ଆସିଥିଲା । ଏହି ଜୀର୍ଣ୍ଣ ଦେଉଳର ସଂସ୍କାର କରି ଚୋଡଗଙ୍ଗଦେବ ଆଉ ଏକ ନୂତନ ମନ୍ଦିର ନିର୍ମାଣର ବନ୍ଦୋବସ୍ତ କଲେ । ବର୍ତ୍ତମାନର ଶ୍ରୀମନ୍ଦିରର କେବଳ ଗର୍ଭଗୃହ ଅଂଶଟି ଓ ତତ୍‌ସଂଲଗ୍ନ ଜଗମୋହନର କିଛି ଅଂଶ ସେ ନିର୍ମାଣ କରିଥିଲେ । ଏହି ଗର୍ଭଗୃହକୁ ବିମାନ କୁହାଯାଏ ଓ ପ୍ରବେଶ ଦ୍ୱାରକୁ ଜଗମୋହନ କୁହାଯାଏ । ବହୁ ଧନ ବ୍ୟୟରେ ଏ ଦୁଇଟି କାର୍ଯ୍ୟ ସମ୍ପାଦିତ ହୋଇଥିଲା ।

ମନ୍ଦିର ନିର୍ମାଣବେଳକୁ ଚୋଡଗଙ୍ଗଦେବଙ୍କର ବାର୍ଦ୍ଧକ୍ୟ ଅବସ୍ଥା ଆସିଥିଲା । ଏହି ଗର୍ଭଗୃହ ପ୍ରତିଷ୍ଠାବେଳେ ଚୋଡଗଙ୍ଗଦେବ ନିଜ ଜ୍ୟେଷ୍ଠପୁତ୍ର ଯୁବରାଜ କାମାର୍ଣ୍ଣବଦେବଙ୍କୁ ଯୁବରାଜ ପଦରେ ଅଭିଷିକ୍ତ କଲେ । ଗର୍ଭଗୃହ ପ୍ରତିଷ୍ଠା ଓ ଯୁବରାଜଙ୍କ ଅଭିଷେକ ଏଇ ଦୁଇଟି ଉତ୍ସବ ବହୁ ଆଡମ୍ବରରେ ଏକ ସଙ୍ଗରେ ଅନୁଷ୍ଠିତ ହୋଇଥିଲା । ଏହି ଉତ୍ସବରେ ପ୍ରଥମ ଥର ପାଇଁ ଓଡ଼ିଶାରେ ହରିଲୀଳା ନୃତ୍ୟନାଟିକାର ପ୍ରଚଳନ ହୋଇଥିଲା ।

ହରିଲୀଳା ଗାନ କରିବା ପାଇଁ ଚୋଡଗଙ୍ଗଦେବ ନାଚୁଣୀ ମାହାରୀମାନଙ୍କୁ ଦକ୍ଷିଣରୁ ଅଣାଇ ନିଯୁକ୍ତି ଦେଲେ । ଚୋଡଗଙ୍ଗଦେବ ଗୋଦାବରୀ ନଦୀକୂଳରୁ ମୃତ୍ତିକା ଅଣାଇ ସେଥିରେ ମୃଦଙ୍ଗ ନିର୍ମାଣ କରାଇଲେ । ସେଇ ମୃଦଙ୍ଗ ବ୍ୟବହାର କରାଯାଇ ଜଗନ୍ନାଥ ମନ୍ଦିରରେ ନାମ ସଂକୀର୍ତ୍ତନ ପ୍ରଚଳନ କରାଗଲା । ମୃଦଙ୍ଗ ସାଙ୍ଗକୁ ଝାଞ୍ଜ, ଗିନି ଓ କରତାଳ ମିଶାଇ ସଂକୀର୍ତ୍ତନ କରାହେଲା । ଗର୍ଭଗୃହ ପ୍ରତିଷ୍ଠା ଓ କାମାର୍ଣ୍ଣବଦେବଙ୍କ ରାଜ୍ୟାଭିଷେକରେ ଅନେକ କୀର୍ତ୍ତନର ଆୟୋଜନ କରାଯାଇଥିଲା । ନାଚୁଣୀ ମାହାରୀମାନେ ହରିଲୀଳା ନାଟକ ଶ୍ରୀମନ୍ଦିରର ନାଟମଣ୍ଡପରେ ପ୍ରଦର୍ଶନ କଲେ । ଦେବଦାସୀଙ୍କ ନୃତ୍ୟ ନୂତନ ମନ୍ଦିରର ଗର୍ଭଗୃହରେ ଅନୁଷ୍ଠିତ ହୋଇଥିଲା । ହରିଙ୍କ ସ୍ତୁତି ସହିତ ଦେବଦାସୀଙ୍କ ନୃତ୍ୟ, ମୃଦଙ୍ଗ, ଝାଞ୍ଜ ଓ ଗିନିର ସଙ୍ଗୀତ ଏକ ଅପୂର୍ବ ମୂର୍ଚ୍ଛନା ସୃଷ୍ଟି କଲା । ମାହାରୀମାନଙ୍କର ଏଇ ନୃତ୍ୟକୁ ହିଁ ରାହାସ ନୃତ୍ୟ ଆଖ୍ୟା ଦିଆଗଲା । ଚୋଡଗଙ୍ଗଦେବ ଏ ଉତ୍ସବ ଦୁଇଟିରୁ ଅପୂର୍ବ ସନ୍ତୋଷ ଲାଭ କଲେ । ଏଇ ନାଚୁଣୀ ମାହାରୀମାନଙ୍କୁ ଦେବଦାସୀ କୁହାଯାଉଥିଲା । ଶ୍ରୀକୂର୍ମ ମନ୍ଦିରରେ ଗଙ୍ଗବଂଶୀୟ ରାଜାମାନେ ଦକ୍ଷିଣ ଭାରତରୁ ଆଣି ଏ ପ୍ରଥା ପ୍ରଚଳନ କରାଇଥିଲେ ।

ଏ ସଂକୀର୍ତ୍ତନ ବ୍ୟତୀତ ଆଉ ଏକ ରାହାସ ନୃତ୍ୟ କଥା ମାଧବ ପଟ୍ଟନାୟକ ଉଲ୍ଲେଖ କରିଛନ୍ତି:

''ଏଥୁ ଅନ୍ତରେ ଗୁଣି ଜନେ ॥ ଗୀତଗୋବିନ୍ଦ ପରିମାଣେ ॥
ବିପ୍ର ସେ ଜୟଦେବ ନାମ ॥ କ୍ଷେତ୍ରବରକୁ ଆଗମନ ॥
କେନ୍ଦୁଲୀ ଶାସନ ତା ଗ୍ରାମ ॥ ପ୍ରାଚୀ ନଦୀର ତଟ ପୁଣ ॥
ନିଆଳି ମାଧବ ସମୀପେ ॥ ଭଗତି କଲା ନାନା ରୂପେ ॥
ଶାସ୍ତ୍ର ପୁରାଣେ ବିଚକ୍ଷଣ ॥ କବିତ୍ୱ ମାର୍ଗେ ତାର ମନ ॥
ଗୀତ ସେ ରଚିବି ବୋଇଲା ॥ କ୍ଷେତ୍ରବାସକୁ ମନ ଦେଲା ॥
ଶ୍ରୀଜଗନ୍ନାଥର ସମୀପେ ॥ ଶୁଦ୍ଧ ସାତ୍ତ୍ୱିକ ମତିଭାବେ ॥
ରଚିଲା ଶ୍ରୀଗୀତଗୋବିନ୍ଦ ॥ ଲଭିଲା ପରମ ଆନନ୍ଦ ॥
ଶ୍ରୀରାଧା ମାଧବର ଲୀଳା ॥ ମଧୁର ସ୍ୱରରେ ଗାଇଲା ॥
ପତ୍ନୀ ତାହାର ପଦ୍ମାବତୀ ॥ ଗୀତର ତାଳେ ସେ ନୃତ୍ୟନ୍ତି ॥
ରାହାସ ନୃତ୍ୟ କଳା ଜାଣି ॥ ନାଟ ସେ କଲାକ ନାଚୁଣୀ ॥
ଭଗତେ ଧନ୍ୟ ଧନ୍ୟ କଲେ ॥ ଭଗତି ଭାବେ ଭୋଳ ହେଲେ ॥

ଏବେ ମଧ୍ୟ ଓଡ଼ିଶାରେ କାର୍ତ୍ତିକ ପୂର୍ଣ୍ଣିମାର ଅନ୍ୟନାମ ରାହାସ ପୂର୍ଣ୍ଣିମା କାରଣ ବୃନ୍ଦାବନରେ ଶରତରାସର ପ୍ରଚଳନ ଥିଲା । ଜୟଦେବଙ୍କ ଗୀତଗୋବିନ୍ଦ ରଚନା ବେଳକୁ ଓଡ଼ିଶାରେ ବସନ୍ତରାସର ପ୍ରଚଳନ ହୋଇଥିଲା । ତେଣୁ ଗୀତଗୋବିନ୍ଦରେ ବସନ୍ତରାସର ବର୍ଣ୍ଣନା ଅତ୍ୟନ୍ତ ମନୋମୁଗ୍ଧକର ଭାବେ କରାଯାଇଛି । ବୈଷ୍ଣବ ସାହିତ୍ୟ ଓ ସଂସ୍କୃତିରେ ବସନ୍ତରାସର ବର୍ଣ୍ଣନା ମହାକବି ଜୟଦେବଙ୍କର ଦାନ । ଶ୍ରୀଚୈତନ୍ୟ ଓ ପଞ୍ଚସଖା ଓଡ଼ିଶାର ଗ୍ରାମେ ଗ୍ରାମେ ବୁଲି ସଂକୀର୍ତ୍ତନ ରସ ପ୍ରସାର କରିଥିଲେ ଏବଂ ପ୍ରତିବର୍ଷ ଜୟଦେବଙ୍କ ଜନ୍ମସ୍ଥାନ କେନ୍ଦୁଲୀକୁ ଯାଇ କେନ୍ଦୁଲୀ ରାସ୍ତାରେ ଗୀତଗୋବିନ୍ଦ ପଦ ବୋଲି ରାସ ସଂକୀର୍ତ୍ତନ କରୁଥିଲେ । ଏହିପରି ଓଡ଼ିଶାରେ ଶ୍ରୀମନ୍ଦିର ଓ ରାହାସ ନୃତ୍ୟର ସମ୍ପର୍କ ଅତି ପ୍ରାଚୀନ ଓ ସମୃଦ୍ଧ । ଏହି ରାସନୃତ୍ୟ ବୃନ୍ଦାବନରୁ ଓଡ଼ିଶା ଆସି ନାହିଁ କିମ୍ବା ଶ୍ରୀଚୈତନ୍ୟ ଏହାକୁ ବଙ୍ଗଦେଶରୁ ଆଣିନାହାନ୍ତି । ଏହା ଓଡ଼ିଶାର ଏକାନ୍ତ ନିଜସ୍ୱ ।

ଶ୍ରୀଗୀତଗୋବିନ୍ଦ ଗୋଟିଏ ଗୀତି କାବ୍ୟ ବା ସଙ୍ଗୀତ ଧର୍ମୀ ମହାକାବ୍ୟ ଯେଉଁଥିରେ ସାହିତ୍ୟ, ନାଟକ, ସଙ୍ଗୀତ ଓ ନୃତ୍ୟର ଏକ ଅପୂର୍ବ ଯୌଗିକ ସମ୍ମିଶ୍ରଣ ହୋଇଛି । ଡ. ଭଗବାନ ଚନ୍ଦ୍ର ପଣ୍ଡାଙ୍କ ଭାଷାରେ ଏହା ଏପରି ଏକ କାବ୍ୟ ଯାହା ମାନବ ହୃଦୟର ଗଭୀରତମ ତନ୍ତ୍ରୀକୁ ସ୍ପର୍ଶ କରେ ଏବଂ ଜୀବନଦର୍ଶନର ସୂକ୍ଷ୍ମତମ ନିୟମକୁ ବ୍ୟାଖ୍ୟା ଓ ବୟାନ କରେ । ଏହି କାବ୍ୟର ସାହିତ୍ୟ ରଚନା ଶୈଳୀ, ସାଙ୍ଗୀତିକତା ଓ ମାଧୁର୍ଯ୍ୟ ଜୀବନର ପ୍ରତ୍ୟେକଟି ମୁହୂର୍ତ୍ତକୁ ରସମୟ କରିପାରେ । କାବ୍ୟ ରଚନାର ଯଦି କୌଣସି ବିଜ୍ଞାନ ଥାଏ, ତେବେ ତା'ର ପ୍ରତ୍ୟେକଟି ନୀତି ନିୟମ ପାଳନ କରି ଲେଖାଯାଇଛି ଗୀତଗୋବିନ୍ଦ ମହାକାବ୍ୟ ।

ଭାରତରେ ସଂସ୍କୃତରେ ରଚିତ ହୋଇଥିବା ଗୀତିକାବ୍ୟମାନଙ୍କ ମଧ୍ୟରେ ଶ୍ରୀଗୀତଗୋବିନ୍ଦ ସର୍ବଶ୍ରେଷ୍ଠ । ଉଭୟ ଶୈଳୀ ଓ ବିଷୟବସ୍ତୁ ଦୃଷ୍ଟିରୁ ଏହାକୁ ସଂସ୍କୃତ ସାହିତ୍ୟର ସର୍ବୋତ୍ତମ ସଙ୍ଗୀତ ରଚନା କୁହାଯାଇପାରେ । ପବିତ୍ର ପ୍ରାଚୀ ନଦୀ ତୀରରେ ଆଜିର ଖୋର୍ଦ୍ଧା ଜିଲ୍ଲାର ବାଲିଅନ୍ତା ବ୍ଲକରେ କେନ୍ଦୁବିଲ୍ୱ ନାମକ ବ୍ରାହ୍ମଣ ଶାସନରେ, ଭୋଜଦେବ ଓ ବାମାଦେବୀଙ୍କ ପରିବାରରେ ପବିତ୍ର ଅକ୍ଷୟ ତୃତୀୟା ଦିନ ଜନ୍ମ ହୋଇଥିଲେ ଜୟଦେବ । ସେ ଥିଲେ ଚୋଳଗଙ୍ଗଦେବଙ୍କ ଦୁଇପୁତ୍ର କାମାର୍ଣ୍ଣବ ଦେବ (୧୧୪୭ଖ୍ରୀ.-୧୧୫୬ଖ୍ରୀ.) ଓ ରାଘବଦେବ (୧୧୫୬ଖ୍ରୀ.ରୁ ୧୧୭୦ଖ୍ରୀ.)ଙ୍କ ସମସାମୟିକ । ଶ୍ରୀପୁରୁଷୋତ୍ତମ କ୍ଷେତ୍ରରେ ବାସ କରି ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ସେ ରଚନା କରିଥିଲେ ଗୀତଗୋବିନ୍ଦ ।

ଶ୍ରୀକୃଷ୍ଣ ଓ ଶ୍ରୀରାଧାଙ୍କ ସ୍ୱର୍ଗୀୟ ପ୍ରେମ ଉପରେ ଆଧାରିତ ହୋଇଥିବା ଏହି ମଧୁର ସଙ୍ଗୀତ ସମ୍ବଳିତ କାବ୍ୟଟି କେବଳ ସାରା ଭାରତରେ କାହିଁକି ସାରା ବିଶ୍ୱରେ ଏବେ ସାହିତ୍ୟ, ସଙ୍ଗୀତ ଓ ବୈଷ୍ଣବ ଧର୍ମ ପ୍ରେମୀଙ୍କ ମହଲରେ ସୁପରିଚିତ । କିନ୍ତୁ ଓଡ଼ିଶାର ଏହି କାବ୍ୟଟି ଗାଁ ଗହଳିରେ ମଧ୍ୟ ବିଖ୍ୟାତ । ଓଡ଼ିଶାର ଅଶିକ୍ଷିତ ଲୋକମାନେ ମଧ୍ୟ ଗୀତଗୋବିନ୍ଦ କାବ୍ୟ ଓ ତା'ର ରଚୟିତା ଜୟଦେବଙ୍କ ନାମ ଶୁଣିଛନ୍ତି ଏବଂ କେବଳ ଓଡ଼ିଶାରେ ମଙ୍ଗଳା ଠାକୁରାଣୀଙ୍କ ମନ୍ଦିରରେ ଓ ଶିବ ମନ୍ଦିରରେ ମଧ୍ୟ ଗୀତଗୋବିନ୍ଦ ପ୍ରାର୍ଥନା ବୋଲାଯାଏ ।

କେବଳ ଗୋଟିଏ କ୍ଷୁଦ୍ର କାବ୍ୟ ଲେଖି ପୃଥିବୀର ଆଉ କୌଣସି କବି ଏତେ ଖ୍ୟାତି ଓ ଅମରତ୍ୱ ପାଇ ନାହାନ୍ତି । ପ୍ରାଚୀନ ଓଡ଼ିଶାର ଯାତ୍ରା ପରମ୍ପରାର ଶୈଳୀ ଓ ଓଡ଼ିଶା ସଙ୍ଗୀତ ଶୈଳୀକୁ ଭାରତ ସମକ୍ଷରେ ସଂସ୍କୃତ କାବ୍ୟ ମାଧ୍ୟମରେ ପ୍ରକାଶ କରି ଜୟଦେବ ଯେଉଁ ସାଂସ୍କୃତିକ ପରମ୍ପରା ସୃଷ୍ଟି କରିଛନ୍ତି, ତାହା ବିଶ୍ୱରେ ବିରଳ । ଓଡ଼ିଶାର ସାହିତ୍ୟ, କଳା, ସଙ୍ଗୀତ, ସ୍ଥାପତ୍ୟ, ବୟନ ଶିଳ୍ପ, ନୃତ୍ୟକୁ ଗୀତଗୋବିନ୍ଦ କାବ୍ୟ ଏତେ ଗଭୀର ଭାବେ ପ୍ରଭାବିତ କରିଛି ଯେ ଏହା ଓଡ଼ିଶାର ଜୀବନ ଶୈଳୀର ଏକ ଅବିଚ୍ଛେଦ୍ୟ ଅଙ୍ଗରେ ପରିଣତ ହୋଇଛି ।

ଶ୍ରୀଗୀତଗୋବିନ୍ଦ ପାଇଁ ହିଁ ଦଶାବତାର ତତ୍ତ୍ୱ ସାରା ଭାରତରେ ପ୍ରିୟ ହୋଇଥିଲା । ରାଧାମାଧବ ଉପାସନା ଓଡ଼ିଶାରୁ ଆରମ୍ଭ ହୋଇ

ଦେଶର ଅନ୍ୟାନ୍ୟ ପ୍ରାନ୍ତକୁ ଯାଇଥିଲା । ବିଷ୍ଣୁଙ୍କ ଷୋଳକଳାର ପ୍ରତିନିଧିତ୍ୱ କରୁଥିବା କୃଷ୍ଣଙ୍କୁ ମାଧବ ନାମରେ ପୂଜା, ରାଧାଙ୍କୁ ଦେବୀଭାବେ ଉପାସନା କରିବା ଇତ୍ୟାଦି ଓଡ଼ିଶାର ସୃଷ୍ଟି । ଜଗନ୍ନାଥଙ୍କଠାରେ କୃଷ୍ଣତ୍ୱର ଆରୋପ ଜୟଦେବଙ୍କଠାରୁ ଆରମ୍ଭ ।

ବଡସିଂହାର ବା ବୃହତ୍ ଶୃଙ୍ଗାର ବେଶ ସମୟରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଆଚ୍ଛାଦନ କରାଯାଉଥିଲା କେନ୍ଦୁଲୀରେ ବୁଣାଯାଉଥିବା ଶ୍ରୀଗୀତଗୋବିନ୍ଦ ଶ୍ଳୋକାବଳୀ ମଣ୍ଡିତ ଖଣ୍ଡୁଆ ବା ଉତ୍ତରୀୟରେ । ପଣ୍ଡିତ ସ୍ୱର୍ଗତ ସଦାଶିବ ରଥ ଶର୍ମାଙ୍କ ମତରେ ଖଣ୍ଡୁଆ ଦେହରେ ଶ୍ରୀଗୀତଗୋବିନ୍ଦ ଶ୍ଳୋକାବଳୀ ବୁଣିବା ଥିଲା ବୟନ ଶିଳ୍ପର ଚରମ ଉତ୍କର୍ଷର ପରିଚାୟକ ।

କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କଠାରୁ କନିଷ୍ଠ ଓ ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମାଙ୍କ ପୂର୍ବବର୍ତ୍ତୀ ଦ୍ୱିଜ ଶ୍ରୀଧର ଲେଖିଥିବା କାଞ୍ଚନଲତା କାବ୍ୟରୁ ଜଣାଯାଏ ଯେ ଶ୍ରୀଜୟଦେବଙ୍କ ଜନ୍ମଭୂମି କେନ୍ଦୁଲୀ ବୟନ ଶିଳ୍ପ ପାଇଁ ପ୍ରସିଦ୍ଧି ଲାଭ କରିଥିଲା । ଦ୍ୱିଜ କୁମାରଙ୍କର ବେଶ ବର୍ଣ୍ଣନା କରିବାକୁ ଯାଇ କବି ଶ୍ରୀଧର ଏହି କାବ୍ୟର ପ୍ରଥମ ଛାନ୍ଦରେ ଲେଖିଛନ୍ତି–

ସହଜେ ଦ୍ୱିଜ ନନ୍ଦିନୀ ତେଜଧାମା କନକ କାନ୍ତି
କଳାକେନ୍ଦୁଲୀ ଶାଢୀ ଏ ଭିଡି ପିନ୍ଧିଛି ମୋତିଦନ୍ତୀ

ଅଷ୍ଟାଦଶ ଶତାବ୍ଦୀର ପ୍ରାରମ୍ଭ ବେଳକୁ କେନ୍ଦୁଲୀ ଶାଢୀ ସାରା ଦେଶରେ ଖ୍ୟାତି ଓ ଲୋକପ୍ରିୟତା ଅର୍ଜନ କରିଥିଲା । ଶ୍ରୀଗୀତଗୋବିନ୍ଦର ଲୋକପ୍ରିୟତା ଓଡ଼ିଶାର ବୟନ ଶିଳ୍ପ ଅଭିବୃଦ୍ଧିରେ ଏହିପରି ସହାୟକ ଥିଲା ।

ଗୀତଗୋବିନ୍ଦ ବାନ୍ଧ ଶୁଦ୍ଧ ରେଶମରୁ ତିଆରି ହୁଏ ଏବଂ ବାନ୍ଧ (ଇକାଟ୍) ଶୈଳୀରେ ସଜ୍ଜିତ ହୁଏ । ଗୀତଗୋବିନ୍ଦ ଶ୍ଳୋକ ଲିଖନ ହିଁ ଏହାର ପରିପାଟୀ ହୋଇଥାଏ । ଏହାକୁ କେନ୍ଦୁଲୀ ଶାଢୀ, ଖଣ୍ଡୁଆ ବା ଚଦର ମଧ୍ୟ କୁହାଯାଏ । ପୁରୀର ଶ୍ରୀଜଗନ୍ନାଥ ମନ୍ଦିରରେ ବଳଭଦ୍ର, ଜଗନ୍ନାଥ ଓ ସୁଭଦ୍ରାଙ୍କର ବଡସିଂହାର ବେଶରେ ଏହା ଲାଗି କରାଯାଏ । ଶ୍ରୀମନ୍ଦିରରେ ଗୀତଗୋବିନ୍ଦ ସେବା ମଧ୍ୟରେ ଗୀତଗୋବିନ୍ଦ ଶାଢୀ ବା କେନ୍ଦୁଲୀ ଶାଢୀ ଏକ ମୁଖ୍ୟ ଅଙ୍ଗ । ୧୯୫୬ ମସିହାରେ ପ୍ରକାଶିତ ଓଡ଼ିଶା ଗେଜେଟରେ ଯେଉଁ ଶ୍ରୀମନ୍ଦିରର 'ରେକର୍ଡ ଅଫ୍ ରାଇଟ୍ସ' ଲିପିବଦ୍ଧ ହୋଇଛି ସେଥିରେ ୨୬/୨୭ ପୃଷ୍ଠାରେ ଏହା ଦେଖିବାକୁ ମିଳେ । ଅହମ୍ମଦାବାଦର କାଲିକୋ ମ୍ୟୁଜିୟମ୍ ଅଫ୍ ଟେକ୍ସଟାଇଲ୍ସରେ ଏହାର ନମୁନା ରଖାଯାଇଛି । ସୁଇଜରଲ୍ୟାଣ୍ଡର ବାସଲ୍‌ଠାରେ ସ୍ଥିତ ଏଥ୍ନୋଗ୍ରାଫିକ୍ ମ୍ୟୁଜିୟମ୍ ଏବଂ ଆମେରିକାର ସିଆଟଲ୍ ମ୍ୟୁଜିୟମ୍ ଆର୍ଟରେ କେନ୍ଦୁଲୀ ଶାଢୀ ଓ ଖଣ୍ଡୁଆର ପରିପାଟୀର ନମୁନା କଳ୍ପିତ ଅଛି ।

ଇକାଟ୍ ଫାବ୍ରିକ୍ସ ଅଫ୍ ଓଡ଼ିଶା ଆଣ୍ଡ୍ ଆନ୍ଧ୍ରପ୍ରଦେଶ ପୁସ୍ତକରେ ଶ୍ରୀ ବି.ସି. ମହାନ୍ତି ଓ କଲ୍ୟାଣ କୃଷ୍ଣ, ଏହି କେନ୍ଦୁଲୀ ବାନ୍ଧ ବିଷୟରେ ଲେଖିଛନ୍ତି । ଇ. ଫିଶର୍. ଶ୍ରୀ ସୀତାକାନ୍ତ ମହାପାତ୍ର ଓ ଶ୍ରୀ ଦୀନନାଥ ପାଠୀଙ୍କ ଲିଖିତ ଏକ ପୁସ୍ତକରେ ଇକାଟ ବାନ୍ଧ ବୁଣାର କଳାକୌଶଳ ବିଷୟ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି । ଏବର ଓଡ଼ିଶାର ଚିଗିରିଆ ଓ ନୂଆପାଟଣା ଅଞ୍ଚଳର ବୁଣାକାରମାନେ ଏହି ବାନ୍ଧବୁଣା କୌଶଳ ସହ କେତେକାଳରୁ ପରିଚିତ ଏହା ସଠିକ ଭାବେ କହିହେବ ନାହିଁ । ଗୀତଗୋବିନ୍ଦ ସେବା ପାଇଁ ଗୀତଗୋବିନ୍ଦ ଖଣ୍ଡୁଆର ବ୍ୟବହାର କଥା ମାଦଳା ପାଞ୍ଜିରେ ଲିଖିତ ଅଛି । ଏହା ଦ୍ୱାଦଶ ଶତାବ୍ଦୀରେ ଆରମ୍ଭ ହୋଇ ତ୍ରୟୋଦଶ ଓ ଚତୁର୍ଦ୍ଦଶ ଶତାବ୍ଦୀରେ ବିଶେଷ ପ୍ରଚଳିତ ହେଲା ।

ସର୍ବପ୍ରଥମେ ନିଜ ଜନ୍ମସ୍ଥାନ ପ୍ରାଚୀ ନଦୀକୂଳ ଗ୍ରାମ କେନ୍ଦୁଲୀର ବୁଣାକାରମାନଙ୍କୁ ଜୟଦେବ କହିଥିଲେ ଗୀତଗୋବିନ୍ଦ କାବ୍ୟକୁ କନାରେ ବୁଣି ଲେଖିବା ପାଇଁ । କୌଣସି କାରଣରୁ ଜୟଦେବ ଗୋଟିଏ ରାତିରେ କେନ୍ଦୁଲୀ ଖଣ୍ଡୁଆ ବୁଣାଇ ଜଗନ୍ନାଥଙ୍କୁ ଅର୍ପଣ କରିବାର ଥାଏ । ବୁଣାକାରମାନେ କହିଲେ ଯେତେବେଳେ ରାତିସାରା ସେମାନେ ଲୁଗା ବୁଣୁଥିବେ, ଜୟଦେବ ତାଙ୍କୁ ଗୀତଗୋବିନ୍ଦ ଗାଇ ଶୁଣାଉଥିବେ । ସପ୍ତମ ସର୍ଗ ପାଠ କଲାବେଳେ ଜୟଦେବ ଅତ୍ୟନ୍ତ ଭାବାବେଶରେ ସମାଧିସ୍ଥ ହୋଇଗଲେ ଏବଂ ତାଙ୍କର ଗୀତ ଗାଇବା ବନ୍ଦ ହୋଇଗଲା । ବୁଣାକାରମାନେ ଲୁଗା ବୁଣିବା ବନ୍ଦ କରିଦେବାକୁ ବସିଲେ । ଠିକ୍ ଏତିକି ବେଳେ ଆଉ ଜଣେ ସହାସ୍ୟବଦନ ସାଧୁ ଗିନି ବଜାଇ ବଜାଇ ସେଠାରେ ପହଞ୍ଚିଲେ । ସେ ବୁଣାକାରମାନଙ୍କୁ କହିଲେ "କାମ ବନ୍ଦ କର ନାହିଁ । ମୁଁ ଜୟଦେବଙ୍କ ସାନ ଭାଇ । ମୋର ଗୀତଗୋବିନ୍ଦ ମୁଖସ୍ଥ । ତୁମେ ପବିତ୍ର ଲୁଗାବୁଣା ଚାଲୁରଖ । ମୁଁ ଗୀତଗୋବିନ୍ଦ ଗାଉଛି ।"

ଜୟଦେବ ସମାଧିରୁ ଉଠିଲା ପୂର୍ବରୁ ସାଧୁ ଚାଲିଗଲେ । ବୁଣାକାରମାନେ ଜୟଦେବଙ୍କୁ ତାଙ୍କ ସାନଭାଇ ସାଧୁଙ୍କ କଥା କହିଲେ । ଜୟଦେବ କହିଲେ, "ମୋର କେହି ସାନଭାଇ ନାହାନ୍ତି । ପଦ୍ମାବତୀ ଓ ମୋ ବ୍ୟତୀତ ଗୀତଗୋବିନ୍ଦ କେହି ଜାଣନ୍ତି ନାହିଁ ।" ସାଧୁ ଯେଉଁ ପଦଟି ବୋଲୁଥିଲେ ବୁଣାକାରମାନେ ଜୟଦେବଙ୍କୁ ସେଇ ପଦଟି ବୁଣି ଦେଖାଇଲେ ।

"କଂସାରିରପି ସଂସାର ବାସନା ବନ୍ଧ ଶୃଙ୍ଖଳମ୍
ରାଧାମାଧବ ହୃଦୟେ ତତ୍ୟଜ ବ୍ରଜସୁନ୍ଦରୀ ।"

ଜୟଦେବ କହିଲେ, ''ମୋ ଅନୁପସ୍ଥିତିରେ ମହାପ୍ରଭୁ ଜଗନ୍ନାଥ ଏହା ତୁମକୁ ବୋଲି ଶୁଣାଇଲେ । ତୁମେମାନେ ମହାଭକ୍ତ କାରଣ ଭଗବାନଙ୍କୁ ନିଜ ଆଖିରେ ଦେଖିଲ ଓ ତାଙ୍କ ମୁହଁରେ ଗୀତ ବି ଶୁଣିଲ ।'' ସମସ୍ତ କେନ୍ଦୁଲୀର ବୁଣାକାରମାନଙ୍କୁ ଜୟଦେବ ଭକ୍ତିଭରା ପ୍ରଣାମ ଜଣାଇଲେ । ଗୀତଗୋବିନ୍ଦ ଖଣ୍ଡୁଆ ଓ ଭକ୍ତ ଜୟଦେବ ଜଗନ୍ନାଥଙ୍କର କେତେ ପ୍ରିୟ ଥିଲେ, ଏ କିମ୍ବଦନ୍ତୀ ତା'ର ପ୍ରମାଣ । ଖଣ୍ଡୁଆ ତିଆରି ନସରିଲେ କେବଳ ସାଧାରଣରେ ଜୟଦେବ ଅପଦସ୍ତ ହୋଇଥାନ୍ତେ ତା' ନୁହେଁ, ଜଗନ୍ନାଥ ମଧ୍ୟ ଖଣ୍ଡୁଆ ପିନ୍ଧି ପାରି ନଥାନ୍ତେ । ତେଣୁ ଭକ୍ତର ମାନ ରକ୍ଷା ପାଇଁ ଭଗବାନ ସ୍ୱଦେହରେ ଆସି ଗୀତଗୋବିନ୍ଦ ବୋଲିଥିଲେ ।

ମୈଥିଳୀ କବି ଚନ୍ଦ୍ରଦତ୍ତଙ୍କ ବର୍ଣ୍ଣନାନୁସାରେ କବି ଜୟଦେବଙ୍କ ଜନ୍ମସ୍ଥାନ ହେଉଛି 'ଗ୍ରାମଃ ବ୍ରାହ୍ମଣସଙ୍କୁଳଃ'', ଅର୍ଥାତ୍ ଗୋଟିଏ ବ୍ରାହ୍ମଣ ଶାସନ । ଆଜକୁ ଆଠ ନଅ ଶହ ବର୍ଷ ପୂର୍ବେ କେବଳ ବ୍ରାହ୍ମଣ ଶାସନଗୁଡିକରେ ହିଁ ବିଦ୍ୟା ଚର୍ଚ୍ଚା ବିଶେଷତଃ ସଂସ୍କୃତ ଶାସ୍ତ୍ରଚର୍ଚ୍ଚା ସମ୍ଭବ ହେଉଥିଲା । ଶାସନଗୁଡିକର ଚତୁଷଠୀ ବା ଆଜିକାଲିର 'ଚଉପାଢୀ'ରୁ ଶାସ୍ତ୍ରଚର୍ଚ୍ଚାରେ ଉତ୍ତୀର୍ଣ୍ଣ ହୋଇଥିବା ପଣ୍ଡିତମାନେ ରାଜଦରବାରରେ ସମ୍ମାନାସ୍ପଦ ସ୍ଥାନ ଅଧିକାର କରୁଥିଲେ । ସେହି ଦୃଷ୍ଟିରୁ ବିଚାର କଲେ ଜଣାଯାଏ ଯେ, ଅଜୟ ତୀରବର୍ତ୍ତୀ ତଥାକଥିତ କେନ୍ଦୁଲୀ ଗ୍ରାମଟି ଆଦୌ ବ୍ରାହ୍ମଣ ଶାସନ ନୁହେଁ କିମ୍ବା ସେହି ଗ୍ରାମର ଚତୁର୍ଦ୍ଦିଗରେ ଜାନୁବଜାର, ପରାନ୍ତଚକ୍, ଭରାଙ୍ଗି, ରାମପୁର, ସୁଗର, ଟିକରବେତା, ବୈଦିପୁର, ସାହାପୁର, ଭାବାନୀପୁର, ରଙ୍ଗପୁର ଏବଂ ଅଜୟ ନଦୀର ଅପରପାର୍ଶ୍ୱରେ ଥିବା ବର୍ଦ୍ଧମାନ ଜିଲ୍ଲାର ନବଗ୍ରାମ, କାଚଲାଦିହି, ରାଉତଦିହି, ଶିବପୁର, ବିଷ୍ଣୁପୁର ଓ ରାଧାନଗର ପ୍ରଭୃତି ଗ୍ରାମଗୁଡିକ ମଧ୍ୟରୁ କୌଣସି ଗୋଟିଏ ହେଲେ ବ୍ରାହ୍ମଣ ଶାସନ ନୁହେଁ ଏବଂ କେବଳ ଶିବପୁର, ବିଷ୍ଣୁପୁର ଓ ତଥାକଥିତ କେନ୍ଦୁଲୀକୁ ଛାଡିଦେଲେ ଅନ୍ୟ ଗ୍ରାମଗୁଡିକରେ ଆଦୌ ବ୍ରାହ୍ମଣବସତି ନାହିଁ ।

ଏଣୁ ନିଃସନ୍ଦେହରେ କୁହାଯାଇପାରେ ଯେ, ତଥାକଥିତ କେନ୍ଦୁଲୀ ଗ୍ରାମଟି ଏକ ଅର୍ବାଚୀନ ଗ୍ରାମ ସେଠାରେ 'କେନ୍ଦୁଲୀ' ବୋଲି କୌଣସି ଗ୍ରାମ ନଥିଲା । ଯଥାର୍ଥରେ ଡକ୍ଟର ସୁକୁମାର ସେନ ତାଙ୍କ 'ବଙ୍ଗଳା ସାହିତ୍ୟେର ଇତିହାସ'ରେ ଯାହା ଲେଖିଛନ୍ତି ତାହା ଅକ୍ଷରତଃ ସତ୍ୟ:

''ଅଜୟେର ଧାରେ ବାଲୁତଟେ ପୌଷସଂକ୍ରାନ୍ତି ସ୍ଥାନେର ମେଲା
ନିକଟେ ଯେ ଗ୍ରାମ ଆଛେ ତାହାର ନାମଓ କେନ୍ଦୁଲୀ ନୟ ।
ଏଖାନେ କେନ୍ଦୁଲୀ ଗ୍ରାମ ଛିଲ ବଲିୟା କୋନ୍ ପ୍ରମାଣଓ ନାଇ ।''

ଚୈତନ୍ୟଙ୍କ ସମସାମୟିକ ବା ତାଙ୍କର ସାଢେ ତିନିଶହ ବର୍ଷ ପର ପର୍ଯ୍ୟନ୍ତ କୌଣସି କାବ୍ୟ, ଗ୍ରନ୍ଥ, ସାହିତ୍ୟ ବା ବୈଷ୍ଣବ ଧର୍ମଗ୍ରନ୍ଥରେ ଏହି କେନ୍ଦୁଲୀର ନାମ ଉଲ୍ଲେଖ ନାହିଁ କିମ୍ବା ମେଳା କଥା କୁହାଯାଇନାହିଁ । ଜୟଦେବଙ୍କ ଏହି ତଥାକଥିତ ଜନ୍ମସ୍ଥାନର ନିକଟବର୍ତ୍ତୀ ଗ୍ରାମର ପ୍ରଭୁ ନିତ୍ୟାନନ୍ଦ ବା ଶ୍ରୀଚୈତନ୍ୟ ତାଙ୍କ ଜୀବନ କାଳରେ ଏ ଗାଁକୁ ଥରେ ବୁଲି ଆସିଛନ୍ତି ବୋଲି କେଉଁଠାରେ ଉଲ୍ଲେଖ କରି ନାହାନ୍ତି । ପରବର୍ତ୍ତୀ ବୈଷ୍ଣବ ସନ୍ଥମାନେ ଅର୍ଥାତ୍ ରୂପ ଗୋସ୍ୱାମୀ, ସନାତନ ଗୋସ୍ୱାମୀ, ଚୈତନ୍ୟ ଚରିତାମୃତର ଲେଖକ କୃଷ୍ଣଦାସ କବିରାଜ କେହି ହେଲେ ଏ ଗ୍ରାମକୁ ଜୟଦେବଙ୍କ ଜନ୍ମସ୍ଥଳୀ ଭାବେ ବୁଲି ଆସିଛନ୍ତି, ଏ କଥା କେଉଁଠାରେ ଲେଖାନାହିଁ । ଅଷ୍ଟାଦଶ ଶତାବ୍ଦୀର ଶେଷ ପର୍ଯ୍ୟନ୍ତ ପ୍ରକାଶିତ କୌଣସି ସାହିତ୍ୟ, ଇତିହାସ, କାବ୍ୟ ବା ପୁରାଣରେ ଏହି ଅଜୟ ତୀରବର୍ତ୍ତୀ କେନ୍ଦୁଲୀ କଥା ଉଲ୍ଲେଖ ନାହିଁ କିମ୍ବା ଜୟଦେବ ବଙ୍ଗୀୟ ବୋଲି କୁହାଯାଇନାହିଁ ।

ଅପରପକ୍ଷେ ଡଃ. ଆଶୁତୋଷ ଭଟ୍ଟାଚାର୍ଯ୍ୟଙ୍କ ମତାମତ ଦେଖନ୍ତୁ:

''ଜୟଦେବ ଛିଲେନ୍ ଉଡିୟା ଏବଂ ବୀରଭୂମେର କେନ୍ଦୁଲୀତେ ଅନୁଷ୍ଠିତ ବାତ୍ସରିକ ମେଳା ଆସଲେ ବାଉଲ୍ ମେଳା ଏବଂ ଜୟଦେବେର ଜନ୍ମେର ସଙ୍ଗେ ଏର କୋନ୍ ସମ୍ପର୍କ ନେଇ । ଜୟଦେବ ଲକ୍ଷ୍ମଣ ସେନେର୍ ସଭାକବି ଛିଲେନ୍ ବଲେ ଏଯାବତ ଯେ ସିଦ୍ଧାନ୍ତ ବିଦଗ୍ଧସମାଜେ ଗୃହୀତ ହୟେ ଛିଲ, ତା' ଗ୍ରହଣଯୋଗ୍ୟ ନୟ । ଲକ୍ଷ୍ମଣ ସେନେର୍ ଅନ୍ୟାନ୍ୟ କବିଦେର୍ ସଙ୍ଗେ କବି ଜୟଦେବ ନିଜେର୍ ନାମକେ ଯୁକ୍ତ କରଲେ ଓ ତିନି ଲକ୍ଷ୍ମଣ ସେନେର ସଭାକବି ଛିଲେନ୍, ତା' ପ୍ରମାଣିତ ହୟନା । ପ୍ରାଚୀନ ଯଶସ୍ୱୀ ସଂସ୍କୃତ କବିଦେର୍ ନାମେର୍ ସଙ୍ଗେ ନିଜେର୍ ନାମ ଯୁକ୍ତ କରାର୍ ରୀତି ଏଖନୋ ଉଡିଷ୍ୟାୟ ପ୍ରଚଳିତ ହୟେନେ ।

ସ୍ୱନାମଧନ୍ୟ ଜୟଦେବ– ଗବେଷକ ଅଧ୍ୟାପକ ଡଃ ବନମାଳୀ ରଥ ଏ ବିଷୟରେ ଅନେକ ଗବେଷଣା ପରେ ଲେଖିଛନ୍ତି–

ପୁନଶ୍ଚ ଏହି ସିଦ୍ଧାନ୍ତର ସମର୍ଥନ ନିମନ୍ତେ କେନ୍ଦୁଲୀ ଗ୍ରାମର ରାଧାବିନୋଦ ମନ୍ଦିର ଓ ଗୋଟିଏ ବୈଷ୍ଣବ ମଠ ସହିତ କବି ଜୟଦେବଙ୍କ ସମ୍ପର୍କ ଥିବା କୁହାଯାଇଥାଏ । କଥିତ ଅଛି ଯେ, କବି ଜୟଦେବଙ୍କ ସ୍ମୃତି ଉଦ୍ଦେଶ୍ୟରେ ସେଠାର ମାଘପୂର୍ଣ୍ଣିମା ଦିନ ଏକ ବାର୍ଷିକ ମେଳା ମଧ୍ୟ ଅନୁଷ୍ଠିତ ହୁଏ । ସେ ଯାହା ହେଉ ଏପରି ଯୁକ୍ତିର କୌଣସି ବଳିଷ୍ଠ ଭିତ୍ତିନାହିଁ । କାରଣ ଯେଉଁ ରାଧାବିନୋଦ ମନ୍ଦିରରେ ଜୟଦେବ ପ୍ରତ୍ୟେକଦିନ ପୂଜା କରୁଥିବାର ପ୍ରବାଦ ଅଛି ତାହା ବର୍ଦ୍ଧମାନର ମହାରାଜା କୀର୍ତ୍ତିଚନ୍ଦ୍ରଙ୍କ ମାତା ୧୬୧୪ ଶକାବ୍ଦ

ବା ୧୬୯୨ ଖ୍ରୀଷ୍ଟାବ୍ଦରେ ନିର୍ମାଣ କରିଥିଲେ । ବୈଷ୍ଣବ ମଠଟି ଅଷ୍ଟାଦଶ ଶତାବ୍ଦୀର ପ୍ରଥମ ଭାଗରେ ବ୍ରଜବାସୀ ରାଧାମୋହନଙ୍କ ଦ୍ୱାରା ନିର୍ମିତ ହୋଇଥିଲା । ତାଙ୍କର ନବମ ଉତ୍ତରାଧିକାରୀ ବର୍ତ୍ତମାନ ସେହି ମଠର ମହନ୍ତ ଅଛନ୍ତି । ଯଦି ଏହି କେନ୍ଦୁଲୀ ଗ୍ରାମ ଜୟଦେବଙ୍କ ଜନ୍ମସ୍ଥାନ ହୋଇଥାନ୍ତା, ତେବେ ଚୈତନ୍ୟଦେବ ସେହି ସ୍ଥାନ ନିଶ୍ଚିତ ଭାବରେ ପରିଦର୍ଶନ କରିଥାନ୍ତେ । ଚୈତନ୍ୟ ପରବର୍ତ୍ତୀ ବଙ୍ଗଳାର ବିପୁଳ ପଦାବଳୀ ସାହିତ୍ୟରେ ସେହି ପୁଣ୍ୟପୀଠ ବା ମନ୍ଦିରର ଖ୍ୟାତି ବହୁଭାବରେ ଉଦ୍‌ଘୋଷିତ ହୋଇଥାନ୍ତା । ବିଶିଷ୍ଟ ବୈଷ୍ଣବ ଗୋସ୍ୱାମୀମାନଙ୍କର ନିରବଚ୍ଛିନ୍ନ ନୀରବତା ଦୃଷ୍ଟିରୁ ଏହା ନିର୍ବିବାଦରେ ଗ୍ରହଣ କରାଯାଇପାରେ ଯେ, ବୀରଭୂମ ଜିଲ୍ଲାର କେନ୍ଦୁଲୀ ଗ୍ରାମ ଜୟଦେବଙ୍କ ଜନ୍ମସ୍ଥାନ ଭାବରେ ସପ୍ତଦଶ ଶତାବ୍ଦୀର ଶେଷଭାଗରେ ରାଧାବିନୋଦ ମନ୍ଦିରର ନିର୍ମାଣ ପରେ ଉଦ୍ଦେଶ୍ୟମୂଳକ ଭାବରେ ପ୍ରଚାରିତ ହୋଇଅଛି । କପୋଳ କଳ୍ପିତ 'ଜୟଦେବ ଚରିତ' ଉପରେ ଆଧାରିତ ତଥ୍ୟଟି ସମ୍ପୂର୍ଣ୍ଣ ଅନୈତିହାସିକ ଓ ଅନ୍ୟ କୌଣସି ସାହିତ୍ୟିକ ପ୍ରମାଣ ଦ୍ୱାରା ମଧ୍ୟ ସମର୍ଥିତ ନୁହେଁ ।''

ଶ୍ରୀକୃଷ୍ଣଙ୍କୁ ଜୟଦେବ ଏକାଧାରରେ ନିଜର ଇଷ୍ଟଦେବ ମାଧବ ତଥା ଭଗବାନ ବିଷ୍ଣୁଙ୍କ ରୂପରେ ଭକ୍ତିରସର ଉତ୍ସ ଏବଂ ଦିବ୍ୟ ପ୍ରେମିକ ଗୋପୀନାଥ ଭାବେ ମୂର୍ତ୍ତିମାନ ଶୃଙ୍ଗାର ରସ ରୂପେ ବର୍ଣ୍ଣନା କରିଛନ୍ତି । ଭରତଙ୍କ ନାଟ୍ୟଶାସ୍ତ୍ରର ବର୍ଣ୍ଣନା ଭଳି ନାୟକଙ୍କୁ କାନ୍ତ, ବଲ୍ଲଭ ଦୟିତା, ଜିତଉ (ଠକ), ଶଠ, ଭାବେ ମଧ୍ୟ ବର୍ଣ୍ଣନା କରାଯାଇଛି । ସୌନ୍ଦର୍ଯ୍ୟ ରସ, ସମର୍ପଣ ଭାବ, ଶୃଙ୍ଗାର ରସ ଓ ଦିବ୍ୟଭାବର ଏକ ଅପୂର୍ବ ସମନ୍ୱୟ ଓ ସମାହାର ଗୀତଗୋବିନ୍ଦ ମହାକାବ୍ୟରେ ସମ୍ଭବ ହୋଇଛି । ବିଶିଷ୍ଟ ଦ୍ୱୈତବାଦ ଦ୍ୱାରା ଅନୁପ୍ରାଣିତ ଜୟଦେବଙ୍କର ଏହି ଅନନ୍ୟ ସମାହାର ଓ ସମନ୍ୱୟ ପରବର୍ତ୍ତୀ କାଳରେ ଉତ୍କଳୀୟ ବୈଷ୍ଣବମାନଙ୍କର ଅଚିନ୍ତ୍ୟ ଭେଦାଭେଦ ତତ୍ତ୍ୱକୁ ଖୋରାକ ଯୋଗାଇ ଥିଲା, ଯେଉଁଥିରେ ଷୋଡଶ ଶତାବ୍ଦୀରେ ରାୟରାମାନନ୍ଦ ମୁଗ୍ଧ କରିଥିଲେ ମହାପ୍ରଭୁ ଶ୍ରୀଚୈତନ୍ୟଙ୍କୁ, ପ୍ରଥମେ ରାଜମହେନ୍ଦ୍ରୀଠାରେ ଓ ପରେ ପୁରୁଷୋତ୍ତମ ଶ୍ରୀକ୍ଷେତ୍ର ପୁରୀଠାରେ ।

ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନର
ତୋଷାଳି ପ୍ଲାଜା
ସତ୍ୟନଗର, ଭୁବନେଶ୍ୱର

## ଚେକ୍‌ଡ୍ୟାମ୍ ନିର୍ମାଣ କରାଯାଇ ଚାଷ ପାଇଁ ଜଳ ଯୋଗାଇ ଦିଆଯିବ

ଆସନ୍ତା ୫ବର୍ଷ ମଧ୍ୟରେ ରାଜ୍ୟ ସରକାର ନିଜସ୍ୱ ଅର୍ଥରେ ମରୁଡ଼ିପ୍ରବଣ ବିଶେଷକରି ପଥୁରିଆ ଅଞ୍ଚଳରେ ଛୋଟ ଛୋଟ ନଦୀରେ ୧୫ହଜାର ଚେକ୍‌ଡ୍ୟାମ୍ ଏବଂ ବିଭିନ୍ନ ନଦୀ ଓ ଜଳଭଣ୍ଡାରରୁ ୧୭୪ଟି ମେଗା ଲିଫ୍ଟ ପଏଣ୍ଟ ମାଧ୍ୟମରେ ଚାଷ ପାଇଁ ଜଳ ଯୋଗାଇ ଦେବାକୁ ଜଳସମ୍ପଦ ବିଭାଗ ଦ୍ୱାରା ଯୋଜନା ପ୍ରସ୍ତୁତ କରାଯାଇଛି । ଆସନ୍ତା ଜୁନ୍ ମାସ ସୁଦ୍ଧା ୫ହଜାର ଚେକ୍‌ଡ୍ୟାମ୍ ନିର୍ମାଣ କାର୍ଯ୍ୟ ଶେଷ ହେବାର ସମ୍ଭାବନା ରହିଛି । ୨୦୧୧-୧୨ ଆର୍ଥିକ ବର୍ଷରେ ଚେକ୍‌ଡ୍ୟାମ୍ ନିର୍ମାଣ ପାଇଁ ରାଜ୍ୟ ସରକାର ୨୦୦କୋଟି ଟଙ୍କା ଯୋଗାଇ ଦେଇଥିବା ବେଳେ ୨୦୧୨-୧୩ ଆର୍ଥିକ ବର୍ଷରେ ଆଉ ୧୭୫କୋଟି ଟଙ୍କା ଯୋଗାଇ ଦେବା ପାଇଁ ପ୍ରସ୍ତାବ ରଖିଛନ୍ତି । ଛୋଟ ଛୋଟ ନଦୀ ଓ ନାଳ ଯାହାର ଓସାର ୧୦ ମିଟରରୁ ୫୦ମିଟର ମଧ୍ୟରେ ସେହିସବୁ ସ୍ଥାନରେ ଚେକ୍‌ଡ୍ୟାମ୍ ନିର୍ମିତ ହେବ । ତେବେ ୧୦ମିଟରରୁ କମ୍ ଓସାର ଥିବା ନାଳ ମଧ୍ୟରେ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଜୁନ୍ ସୁଦ୍ଧା ଆଉ ୧୦ହଜାର ଚେକ୍‌ଡ୍ୟାମ୍ ନିର୍ମାଣ କରାଯିବ । ଏସବୁ କାମ ବ୍ଲକ୍ ମାଧ୍ୟମରେ କରାଯିବ । ରାଜ୍ୟରେ ଥିବା ବିଭିନ୍ନ ଜଳଭଣ୍ଡାର ଓ ନଦୀମାନଙ୍କରୁ ମେଗା ଲିଫ୍ଟ ଯୋଜନାରେ ୧୭୪ଟି ପ୍ରକଳ୍ପ ନିର୍ମାଣ କରାଯିବ । ଉଚ୍ଚ ଶକ୍ତିସମ୍ପନ୍ନ ମଟର ବସାଯାଇ ପାଇପ୍ ଯୋଗେ କୃଷି ପାଇଁ ୧୦ରୁ ୧୫ କିଲୋମିଟର ପର୍ଯ୍ୟନ୍ତ ପାଣି ଯୋଗାଇ ଦିଆଯିବ । ୨୦୧୨-୧୩ ଆର୍ଥିକ ବର୍ଷରେ ଏହି ଯୋଜନା ପାଇଁ ରାଜ୍ୟ ସରକାର ୧୫୦କୋଟି ଟଙ୍କା ଯୋଗାଇ ଦେବାର ପ୍ରସ୍ତାବ ବଜେଟ୍‌ରେ ରଖିଛନ୍ତି । ଏହି ପ୍ରକଳ୍ପ ପାଇଁ ସ୍ୱତନ୍ତ୍ରଭାବେ ୩୩ କେଭି ବିଦ୍ୟୁତ୍ ଲାଇନ୍ ଟଣାଯିବ । ଗତ ଆର୍ଥିକ ବର୍ଷରେ ଏହି ଯୋଜନାରେ ରାଜ୍ୟ ସରକାର ୫୦କୋଟି ଟଙ୍କା ଯୋଗାଇ ଦେଇଥିଲେ ବୋଲି ଜଳସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର ପ୍ରକାଶ କରିଛନ୍ତି ।